# NATIONAL NEWS BULLETIN (ODIA)
## 15 April - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି କେରଳରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗଦେବେ ।
- ବିଜେପି ନେତା ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ସଶସ୍ତ୍ର ବାହିନୀକୁ ସନ୍ତ୍ରାସବାଦୀ ଆକ୍ରମଣ ପାଇଁ ସମସ୍ତ ନିଷ୍ପତ୍ତି ନେଇପାରିବା ଲାଗି ସରକାର ଅନୁମତି ଦେଇଛନ୍ତି ।
- କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ନାଗପୁରରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି ।

ଏବଂ

- ଆଇପିଏଲ୍‌ରେ ଆଜି ରାତି ୭ଟା ୩୦ ମିନିଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ ।

# ପିଏମ୍-କେରଳ

ଚଳିତ ମାସ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ କେରଳରେ ପ୍ରସ୍ତୁତି ଚାଲିଥିବା ବେଳେ ଆଗାମୀ ଦିନରେ ପ୍ରମୁଖ ରାଜନୈତିକ ଦଳର ରାଷ୍ଟ୍ରୀୟ ନେତାମାନେ କେରଳ ଗସ୍ତ କରି ପ୍ରଚାରକୁ ଜୋରଦାର କରିଛନ୍ତି।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ରାତିରେ କେରଳର କୋଚିରେ ବିଜେପି ପ୍ରଚାର ପାଇଁ ପହଞ୍ଚିଛନ୍ତି। ଆଜି ସକାଳେ ସେ ଏନ୍.ଡି.ଏ. ପ୍ରାର୍ଥୀ ଡକ୍ଟର ଟି.ଏନ୍. ସରସୁଙ୍କ ସମର୍ଥନରେ ଆଲାଥୁର ସଂରକ୍ଷିତ ନିର୍ବାଚନମଣ୍ଡଳୀ ଅଧୀନ ଚେରୁଭାଟାନିରେ ଏକ ସାଧାରଣ ସଭାକୁ ସେ ସମ୍ବୋଧିତ କରିବେ। ଏହାପରେ ସେ ଅଟିଙ୍ଗଲ ଅଭିମୁଖେ ଯାତ୍ରା କରି କଟାକଡାରେ ଏକ ଜନସମାବେଶକୁ ସମ୍ବୋଧିତ କରିବେ । ସେଠାରେ ବିଜେପି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ପ୍ରାର୍ଥୀ କରିଛି। ଅପରାହ୍ନ ସୁଦ୍ଧା ମୋଦି କୋଚି ଫେରି ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଆସନ୍ତା ଗୁରୁବାର ଦିନ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଏନ୍.ଡି.ଏ. ପ୍ରଚାର ପାଇଁ କେରଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।

ବରିଷ୍ଠ କଂଗ୍ରେସ ନେତା ତଥା ୱାୟନାଡ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ରାହୁଲ ଗାନ୍ଧି ଆଜି ଏବଂ ଆସନ୍ତାକାଲି ଏହି ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୦ ତାରିଖରେ ଏବଂ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ୨୨ ତାରିଖରେ କେରଳରେ ପ୍ରଚାର କରିବେ।

ସି.ପି.ଆଇ.(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଆଜି କାସରଗୋଡ ଏବଂ କନ୍ନୁର ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବେ। କେରଳରେ ପଲିଟ୍ ବ୍ୟୁରୋ ସଦସ୍ୟ ପ୍ରକାଶ କରତ ଏବଂ ସି.ପି.ଆଇ. ସାଧାରଣ ସମ୍ପାଦକ ଡି. ରାଜା ମଧ୍ୟ ଆଉ ଦିନେଦୁଇଦିନ ମଧ୍ୟରେ ଏଲ୍.ଡି.ଏଫ୍. ପ୍ରଚାର ବୈଠକରେ ଯୋଗ ଦେବେ ।

## କାଠୁଆ କ୍ୟାମ୍ପେନିଂ

କେନ୍ଦ୍ରମନ୍ତ୍ରୀ ତଥା ଉଧମପୁର-ଡୋଡା-କାଠୁଆ ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀକୁ ସନ୍ତ୍ରାସବାଦୀ ଆକ୍ରମଣ ପାଇଁ ଦୃଢ଼ ନିଷ୍ପତ୍ତି ନେଇ ପାରିବେ ବୋଲି ଅନୁମତି ଦେଇଥିବାରୁ ତାହା ସେନାର ମନୋବଳ ବଢ଼ାଇବା ସହିତ ଦେଶର ସମୃଦ୍ଧ  ଲାଗି ସହାୟକ ହୋଇଛି । ଗତକାଲି କାଠୁଆ ଜିଲ୍ଲାର ଅନ୍ତର୍ଜାତୀୟ ସୀମାର ବିଭିନ୍ନ ସ୍ଥାନରେ ଏକାଧିକ ସାଧାରଣ ସଭାକୁ

ସମ୍ବୋଧିତ କରି ଡକ୍ଟର ସିଂହ କହିଛନ୍ତି, କାଶ୍ମୀର ଉପତ୍ୟକାରେ ଗୋଟିଏ ବି ପଥର ମାଡ଼ ଘଟଣା ଘଟୁନଥିବା ବେଳେ ଅନ୍ତର୍ଜାତୀୟ ସୀମାରେ ଲୋକମାନେ ନିଜ ଘରୁ ପଳାୟନ କରି ପଞ୍ଚାୟତ ଘରେ ଆଶ୍ରୟ ନେଇଛନ୍ତି। କେତେବେଳେ ସ୍କୁଲ କୋଠାରେ ତ କେତେବେଳେ ସମ୍ପର୍କୀୟଙ୍କ ଘରେ ରହିଛନ୍ତି । ସେ କହିଛନ୍ତି, ସୀମାରେ ପ୍ରତ୍ୟେକ ଘରେ ଫ୍ୟାମିଲି ବଙ୍କର ନିର୍ମାଣ କରି ମୋଦି ସରକାର ଏହି ସମସ୍ୟାର ସମାଧାନ କରିଛନ୍ତି, ଯେଉଁଥିରେ ଏକ ବଖରା ବିଶିଷ୍ଟ ଫ୍ଲାଟ ଭଳି ସୁବିଧା ରହିଛି ।

# ନାଗପୁର

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଜେପିକୁ ସମାଲୋଚନା କରିଛନ୍ତି । ବିଜେପି ଦୁର୍ନୀତି ପାଇଁ କଂଗ୍ରେସକୁ ଦାୟୀ କରୁଥିବା ବେଳେ ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହୋଇଥିବା ୨୩ ଜଣ ପୂର୍ବତନ ସଦସ୍ୟଙ୍କୁ ଦଳ ସ୍ୱୀକାର କରିଥିବା ସେ କହିଛନ୍ତି। ଗତକାଲି ନାଗପୁରର ଗୋଲିବର ଛକରେ ଏକ ପ୍ରଚାର ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ବିଜେପି ଏବଂ ଏହାର ନେତାମାନେ ଭାରତବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି। ବଜାରରେ ଚାକିରି ନାହିଁ, ଜିଡିପି ଦର ହ୍ରାସ ପାଉଛି ଏବଂ ବିଜେପି ପ୍ରତିଶ୍ରୁତି ଅନୁଯାୟୀ ସୁଇସ୍ ବ୍ୟାଙ୍କରୁ କଳାଧନ ଫେରାଇ ଆଣିନାହାନ୍ତି। ଗରିବ ଲୋକଙ୍କୁ  ପର୍ଯ୍ୟାପ୍ତ ଘର ଯୋଗାଇ ଦିଆଯାଉନଥିବା

ବେଳେ ତ୍ରୁଟିପୂର୍ଣ୍ଣ କୃଷି ନୀତି ପାଇଁ ସେ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି । ଏଥର ଲୋକମାନେ ମିଥ୍ୟା ପ୍ରତିଶ୍ରୁତିରେ ପଡ଼ିବେ ନାହିଁ ଏବଂ ଚଳିତ ନିର୍ବାଚନରେ ଭାରତୀୟ ମେଣ୍ଟକୁ ଭୋଟ୍ ଦେବେ ବୋଲି ଶ୍ରୀ ଖଡ଼ଗେ ଆଶା ବ୍ୟକ୍ତ କରିଛନ୍ତି ।

ଅପରାହ୍ନରେ ଶ୍ରୀ ଖଡ଼ଗେ ଦିକ୍ଷା ଭୂମିକୁ ଯାଇ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ, ଡକ୍ଟର ଆମ୍ବେଦକର ଲୋକମାନଙ୍କୁ ଶିଖିବା, ସଂଗଠିତ କରିବା ଏବଂ ସଂଘର୍ଷ କରିବାକୁ କହିଥିଲେ । ଏହା କେବଳ ସମ୍ବିଧାନ ମାଧ୍ୟମରେ ହାସଲ କରାଯାଇପାରିବ । ସେଥିପାଇଁ ତାଙ୍କ ଦଳ ସମ୍ବିଧାନକୁ ସୁଦୃଢ଼ କରିବା ପାଇଁ ଲଢ଼େଇ କରୁଛି, ଯାହାଦ୍ୱାରା ଲୋକଙ୍କ ଅଧିକାରକୁ ଅଧିକ ଶକ୍ତି ମିଳିପାରିବ ବୋଲି ଶ୍ରୀ ଖଡ଼ଗେ କହିଛନ୍ତି ।

## ମହାରାଷ୍ଟ୍ର ଗଭର୍ଣ୍ଣର

ନିର୍ବାଚନରେ ଭୋଟରଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବୈସ୍ ଗତକାଲି ମୁମ୍ବାଇରେ ଏକ ଭୋଟର ସଚେତନତା ଦସ୍ତଖତ ଅଭିଯାନରେ ଅଂଶଗ୍ରହଣ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଲୋକସଭା ନିର୍ବାଚନ ପାଇଁ ଉଭୟ ନୂଆ ଭୋଟର ପଞ୍ଜୀକରଣ ଓ ମତଦାନ ପ୍ରତିଶତ ବୃଦ୍ଧି ପାଇଁ

ସିଷ୍ଟେମେଟିକ୍ ଭୋଟର ଏଜୁକେସନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେସନ୍ କମିଟି ଗଠନ କରାଯାଇଛି। ଭାରତ ରନ୍ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ମୁମ୍ବାଇ ସହର ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ମୁମ୍ବାଇର ଦାଦର ଅଞ୍ଚଳର ଚୈତ୍ୟଭୂମିଠାରେ ଏହି ଅଭିଯାନର ଆୟୋଜନ କରାଯାଇଥିଲା। ରାଜ୍ୟପାଳ ଚୈତ୍ୟଭୂମି ସ୍ମାରକରେ ଥିବା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବୁଦ୍ଧ ବନ୍ଦନା ସହ ପବିତ୍ର ଚୈତ୍ୟଭୂମିରେ ଭୀମଜ୍ୟୋତିକୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ଜେ.କେ. - ଭୋଟର୍ସ

ଆଗାମୀ ନିର୍ବାଚନରେ ୩୭ ଜଣ ଶତାୟୁ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଜମ୍ମୁ-କାଶ୍ମୀରର ଡୋଡ଼ା ଜିଲ୍ଲା ଏ କ୍ଷେତ୍ରରେ ଇତିହାସ ସୃଷ୍ଟି କରିବେ । ସେହି ଜିଲ୍ଲାରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ୩୭ ଜଣ ମତାଦାତା ରହିଛନ୍ତି ଓ ଆସନ୍ତା ନିର୍ବାଚନରେ ସେମାନେ ଭୋଟ୍ ଦେବାକୁ ପ୍ରସ୍ତୁତ ଅଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ ସେମାନଙ୍କପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସେମାନେ ଭୋଟ୍‌ଗ୍ରହଣ କେନ୍ଦ୍ରକୁ ଆସିବାପାଇଁ ପାଲିଙ୍କିର ବ୍ୟବସ୍ଥା ହୋଇଛି । ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବୟୋଜ୍ୟେଷ୍ଠ ଲୋକମାନଙ୍କ ପାଇଁ

ଘରୁ ମତଦାନ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସେହି ମତଦାତାମାନେ ମତଦାନ କେନ୍ଦ୍ରକୁ ଯାଇ ଭୋଟ୍ ଦେବାକୁ ଅଗ୍ରହ ପ୍ରକାଶ କରିଛନ୍ତି । ସେଠାରେ ଚଳିତ ମାସ ୧୯ ତାରିଖରେ ଭୋଟ୍‌ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଉଦ୍ଧମପୁର-ଡୋଡ଼ା ଲୋକସଭା ନିର୍ବାଚନ ମଣ୍ଡଳିପାଇଁ ଭୋଟ୍‌ଗ୍ରହଣ ହେବ। ସେଠାରେ ବର୍ତ୍ତମାନର ବି.ଜେ.ପି. ଲୋକସଭା ସାଂସଦ ଡକ୍ଟର ଜିତେନ୍ଦ୍ର ସିଂହ ଏବଂ ପୂର୍ବରୁ ଦୁଇ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ଚୌଧରୀ ଲାଲ୍ ସିଂହଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବ । ଉଭୟ ଦଳର ନିର୍ବାଚନୀ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

## ଆଜାଦ୍ କ୍ୟାମ୍ପେନିଂ

ଡିପିଏପିର ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ରାଜନୈତିକ ଦଳଗୁଡ଼ିକ ବିଶେଷ କରି ସନ୍ଦେହଜନକ ଇତିହାସ ଥିବା ନେତାମାନେ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରୁଥିବା କହିଛନ୍ତି। ଉଧମପୁର ଲୋକସଭା ଆସନରୁ ଦଳୀୟ ପ୍ରାର୍ଥୀ ଜି.ଏମ୍. ସରୁରିଙ୍କ ପାଇଁ ପ୍ରଚାର କରିବା ସମୟରେ ଆଜାଦ ଏହି ଅଞ୍ଚଳ ପାଇଁ ରାଜନୈତିକ ଦଳଗୁଡ଼ିକର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ଅଭିଯୋଗ କରିବା ସହ ସେମାନେ ଲୋକମାନଙ୍କୁ ଶୋଷଣ କରିଥିବା

କହିଥିଲେ । ଶ୍ରୀ ଆଜାଦ୍ କହିଛନ୍ତି, ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା ସତ୍ତ୍ୱେ ଭୋଟରମାନେ ପୂର୍ବରୁ ଏଭଳି କୌଶଳକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆଗାମୀ ନିର୍ବାଚନରେ ଚେନାବ ଉପତ୍ୟକାର ଜନତା ପୁଣି ଥରେ ଏହି ରାଜନେତା ଏବଂ ସେମାନଙ୍କ ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ଇସି ହରିଆନା

ହରିୟାଣାର ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସି-ଭିଜିଲ ଆପ୍ ଜରିଆରେ ୧ହଜାର ୬୬୬ଟି ଅଭିଯୋଗ ଆସିଛି, ସେଥିମଧ୍ୟରୁ ୧ହଜାର ୩୮୩ଟି ଅଭିଯୋଗର ନିୟମ ଅନୁଯାୟୀ ସମାଧାନ କରାଯାଇଛି। ଅମ୍ବାଲା ଜିଲ୍ଲାରେ ୩୪୮, ଭିୱାନି ଜିଲ୍ଲାରେ ୫୩, ଫରିଦାବାଦରେ ୬୨, ଫତେହାବାଦରେ ୬୪ ଏବଂ ଯମୁନାନଗରରେ ୫୨ ଅଭିଯୋଗ ହୋଇଛି।

## ଆଇପିଏଲ୍

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍' ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି । ମୁମ୍ବାଇ

ଇଣ୍ଡିଆନ୍ସ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ସୁପରକିଙ୍ଗସ୍‌ର ଋତୁରାଜ ଗାଇକ୍‌ୱାଡ୍ ଓ ଶିବମ ଦୁବେଙ୍କ ଆକ୍ରମଣାତ୍ମକ ଅର୍ଦ୍ଧଶତକ ବଳରେ ଦଳ ୪ ଓ୍ୱିକେଟ୍ ହରାଇ ୨୦୬ରନ୍ କରିଥିଲା ।

ପରେ ୨୦୭ରନ୍‌ର ବିଜୟଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ଓପନର୍ ରୋହିତ ଶର୍ମା ଓ ଇଶାନ୍ କିଶାନ୍ ପ୍ରଥମ ୬ ଓଭର୍‌ରେ ୬୩ରନ୍ କରିଥିଲେ । ରୋହିତ ଶର୍ମା ୬୩ବଲ୍‌ରୁ ୧୦୫ରନ୍ କରି ଅପରାଜିତ ରହିଥିଲେ ମଧ୍ୟ ଦଳ ୬ଓ୍ୱିକେଟ୍‌ରେ ୧୮୬ରନ୍ କରିପାରିଥିଲା । କାଲିର ମ୍ୟାଚ୍ ପରେ ଚେନ୍ନାଇ ଦଳ ୬ଟି ମ୍ୟାଚ୍‌ରୁ ୪ଟି ବିଜୟ ହାସଲ କରିଛି । ସେହିଭଳି ମୁମ୍ବାଇ ଦଳ ୬ଟି ମ୍ୟାଚ୍‌ରେ ଦୁଇଟି ବିଜୟ ହାସଲ କରିଛି ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍’ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୮ ଓ୍ୱିକେଟ୍‌ରେ ହରାଇ ଦେଇଥିଲା । ୧୬୨ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି  କୋଲକାତା ଦଳ ୧୫ ଓଭର ୪ଟି ବଲ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଆଜି ରାତି ୭ଟା ୩୦ ମିନିଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ ।